ରବିବାର, ୨୮ ଜାନୁଆରୀ ୨୦୧୮

NITIDIN
ନିତିଦିନ

# ଡ. ସରଜୁ ମହାନ୍ତିଙ୍କୁ 'ଗ୍ଲୋରିୟସ୍ ଇଣ୍ଡିଆ ଆୱାର୍ଡ'

**ଭୁବନେଶ୍ୱର,୨୭।୧/ଏନ୍ଏନ୍ଏସ୍:** ଯୁକ୍ତରାଷ୍ଟ୍ର ଆମେରିକାରେ କାର୍ଯ୍ୟରତ ଓଡ଼ିଆ ପ୍ରଫେସର ଡ. ସରଜୁ ମହାନ୍ତିଙ୍କୁ ୨୦୧୭ ମସିହା ପାଇଁ ମର୍ଯ୍ୟାଦାଜନକ 'ଗ୍ଲୋରିୟସ୍ ଇଣ୍ଡିଆ ଆୱାର୍ଡ' ପ୍ରଦାନ କରାଯାଇଛି । ବୈଷୟିକ ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ତଥା ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ୨୦୧୭ ପାଇଁ ସମ୍ମାନିତ ୪୨ ଜଣ ଭାରତୀୟଙ୍କ ମଧ୍ୟରୁ ଡ. ମହାନ୍ତି ଏକମାତ୍ର ଓଡ଼ିଆ । ଡ. ମହାନ୍ତି ଆଇଇଇଇ ଦ୍ୱାରା ଅତି ବିଶିଷ୍ଟ ବକ୍ତା ଭାବେ ମନୋନୀତ ହୋଇଛନ୍ତି । ସେ ମଧ୍ୟ ଆଇଇଇଇ କନ୍ଜ୍ୟୁମର୍ ଇଲେକ୍ଟ୍ରୋନିକ୍ସ ମ୍ୟାଗାଜିନ୍ର ମୁଖ୍ୟ ସମ୍ପାଦକ ଅଟନ୍ତି । ଡ. ମହାନ୍ତି ବର୍ତ୍ତମାନ ଆମେରିକାସ୍ଥିତ ନର୍ଥ ଟେକ୍ସାସ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ପ୍ରଫେସର ଭାବେ କାର୍ଯ୍ୟରତ । ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଏହି ମହାନ ବ୍ୟକ୍ତିଙ୍କୁ କିଟ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଭାଗ ପ୍ରଫେସର ଡ. ନିରଞ୍ଜନ ରାୟ ଏବଂ ବୈଷୟିକ ଶିକ୍ଷା ମଞ୍ଚର ସଭାପତି ତପନ ଭଞ୍ଜ ଅଭିନନ୍ଦନ ଜଣାଇଛନ୍ତି ।